


# ଶ୍ରୀମନ୍ଦିର ସମାଚାର

# SHREE JAGANNATH TEMPLE BULLETIN

ନଭେମ୍ବର-୨୦୨୦ NOVEMBER - 2020


## ଶ୍ରୀମନ୍ଦିରରେ ପବିତ୍ର କାର୍ତ୍ତିକ ମାସ ନୀତି ସମ୍ପନ୍ନ

ଚଳିତ ବର୍ଷ ଶ୍ରୀମନ୍ଦିରରେ ଆଶ୍ୱିନ ଶୁକ୍ଳ ଏକାଦଶୀ ତା ୨୭.୧୦.୨୦ ରିଖ ମଙ୍ଗଳବାର ଠାରୁ ପାରମ୍ପରିକ ଭାବେ କାର୍ତ୍ତିକ ମାସର ବିଶେଷ ନୀତିମାନ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟହ ଅବକାଶ ପରେ ରାଧାଦାମୋଦର ବେଶ, ସକାଳ ଧୂପ ପରେ ବାଲଧୂପ ଏବଂ ପଞ୍ଚକରେ ପ୍ରତି ଦିବସରେ ଶ୍ରୀବିଗ୍ରହମାନଙ୍କର ଭିନ୍ନ ଭିନ୍ନ ବେଶ ହୋଇଥିବାରୁ ଏବଂ ମାସ ସାରା ବହୁଳ ନୀତି ଯୋଗୁଁ ପ୍ରତି ବର୍ଷ ପରି ଚଳିତ ବର୍ଷ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ପ୍ରସ୍ତୁତି ପୂର୍ବକ ଛତିଶା ନିଯୋଗ ବୈଠକରେ ଅନୁମୋଦିତ ହୋଇଥିଲା ।



ଚଳିତ ବର୍ଷ ପ୍ରାୟ ପ୍ରତ୍ୟହ ପୂର୍ବ ରାତ୍ର ୫ ଘଟିକା ମଧ୍ୟରେ ଦ୍ୱାର ଫିଟା ଏବଂ ଦିବା ୧ ଘଟିକା ମଧ୍ୟରେ ଭୋଗମଣ୍ଡପ ସରି ମହାପ୍ରସାଦ ବାହାରୁଥିଲା । ପ୍ରତିଦିନ ରାତ୍ର ପହୁଡ଼ ମଧ୍ୟ ଶ୍ରୀବିଗ୍ରହମାନଙ୍କର ଅନୁଷ୍ଠିତ ହୋଇଥିଲା ।



ଚଳିତ ବର୍ଷ ପଞ୍ଚୁକ ୬ ଦିନ ପଡ଼ିଥିବାରୁ, ଦ୍ୱାଦଶୀ ମଳ ତିଥିରେ ମହାପ୍ରଭୁଙ୍କର ନାଗାର୍ଜୁନ ବେଶ ଦୀର୍ଘ ୨୬ ବର୍ଷ ପରେ ଅର୍ଥାତ୍ ତା ୨୭.୧୧.୨୦ରିଖ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଥିଲା । ଏଠାରେ ସୂଚନାଯୋଗ୍ୟ, ୧୯୯୩ ଏବଂ ୧୯୯୪ ମସିହାରେ ଶ୍ରୀମନ୍ଦିରରେ ପଞ୍ଚକ ଅବସରରେ ନାଗାର୍ଜୁନ ବେଶ ଅନୁଷ୍ଠିତ ହୋଇଥିଲା । ଏହି କାର୍ତ୍ତିକ ମାସରେ ପଞ୍ଚକ ଅର୍ଥାତ୍ ଶୁକ୍ଳ ଏକାଦଶୀରେ- ଲକ୍ଷ୍ମୀ ନାରାୟଣ ବେଶ, ଶୁକ୍ଳ ଦ୍ୱାଦଶୀରେ- ବାଙ୍କଚୂଡ଼ା ବେଶ, ତ୍ରୟୋଦଶୀରେ- ତ୍ରିବିକ୍ରମ ବେଶ, ଚତୁର୍ଦ୍ଦଶୀରେ- ଲକ୍ଷ୍ମୀନୃସିଂହ ବେଶ ଏବଂ ପୂର୍ଣ୍ଣମୀରେ- ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହୋଇଥିଲା । ଶ୍ରୀମନ୍ଦିର ପ୍ରଶାସନ ଓ ସେବକମାନଙ୍କ ମଧ୍ୟରେ ସୁସମନ୍ୱୟ ଏବଂ ସେବକମାନଙ୍କର ନିଷ୍ଠାପର ସେବା ଓ ଐକାନ୍ତିକ ସହଯୋଗ ଯୋଗୁଁ ଏହି ନୀତିମାନ ସମ୍ଭବପର ହୋଇପାରିଛି ।

ତା ୩୦.୧୧.୨୦ ରିଖ ସୋମବାର ଦିନ ଶ୍ରୀମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଥିଲା । ପୂର୍ବ ରାତ୍ରରେ ରାତ୍ରର ଘ.୧୧.୨୫ମି. ରେ ଶ୍ରୀମନ୍ଦିରରେ ପହୁଡ଼ ନୀତି ଅନୁଷ୍ଠିତ ହୋଇ ଭୋର୍ ୫ ଘଟିକାରେ ଦ୍ୱାରଫିଟା ନୀତି ଅନୁଷ୍ଠିତ ହୋଇଥିଲା । ଘ.୫.୫୫ମି. ରେ ମଙ୍ଗଳା ଆଳତି ଓ ଅବକାଶ ଘ.୬.୪୫ମି. ରେ ଶେଷ ହେବା ପରେ ଶ୍ରୀବିଗ୍ରହମାନଙ୍କ ମହାର୍ଘ 'ରାଜାଧିରାଜ ବେଶ ବା ସୁନାବେଶ ଘ.୮.୩୦ମି. ସୁଦ୍ଧା ଶେଷ ହୋଇ ମହାପ୍ରସାଦ ବାହାରିଥିଲା । ଘ.୧୨.୨୫ମି. ରେ ଶ୍ରୀବିଗ୍ରହମାନଙ୍କର ସୁନାବେଶ ଓଲାଗି ହୋଇଥିଲା । ପ୍ରଶାସନ ସହିତ ସୁସମନ୍ୱୟ ହିଁ ନୀତି ସଫଳତାର କାରଣ ହୋଇପାରିଛି । ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁ ମଧ୍ୟ ମାସ ସାରା ଅଧିକାଂଶ ସମୟ ଶ୍ରୀମନ୍ଦିରରେ ଉପସ୍ଥିତ ରହି ନୀତି ଶୃଙ୍ଖଳା ପାଇଁ ପ୍ରୟାସ ଜାରି ରଖିଥିଲେ । ସେବକମାନଙ୍କର ପ୍ରତିବଦ୍ଧତା, ନିଷ୍ଠା ଓ ଉତ୍ସର୍ଗୀକୃତ ମନୋଭାବ ଯୋଗୁଁ ନୀତି ଶୃଙ୍ଖଳିତ ହୋଇପାରିଛି ବୋଲି ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାର ପ୍ରକାଶ କରିବା ସହ ସମସ୍ତ ନିଯୋଗ ଓ ପାଳିଆ ସେବକଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛନ୍ତି । ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ପୋଲିସ୍ ପ୍ରଶାସନର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଅକ୍ଲାନ୍ତ ପରିଶ୍ରମ କରିଥିବାରୁ ମୁଖ୍ୟ ପ୍ରଶାସକ ଧନ୍ୟବାଦ ଅର୍ପଣ କରିଛନ୍ତି ।

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ରମା ଏକାଦଶୀ :

ତା ୧୧.୧୧.୨୦ ରିଖ ବୁଧବାର ଦିନ କାର୍ତ୍ତିକ କୃଷ୍ଣ ଏକାଦଶୀ ତିଥିରେ ସନ୍ଧ୍ୟା ଆଳତି ପରେ ରମା ଏକାଦଶୀ ନୀତି ପାଳିତ ହୋଇଥିଲା ।  ଏହି ନୀତି ସନ୍ଧ୍ୟା ଆଳତି ପରେ ଆରମ୍ଭ ହୋଇଥିଲା  । ଏହି ନୀତି ପାଇଁ ସକାଳେ ଘଟୁଆରି ରୂପା ପିଙ୍ଗଣରେ ଚନ୍ଦନ, କର୍ପୂର ଓ କସ୍ତୁରୀ ଯୋଗାଇଥିଲେ । ରାଜା ସୁପରିଣ୍ଟେଣ୍ଡେଣ୍ଟଙ୍କ ତରଫରୁ ଆବଶ୍ୟକ ଘିଅ, ଚନ୍ଦ୍ର ଉଦିଆ ୧୨, କର୍ପୂର ଓ ବଳିତା ଆଳତି, ପୂଜା ଆଳତି ଦାନୀ,  ରତ୍ନଭଣ୍ଡାରରୁ ଗଦିଫେଟା, ଘସା ବିଡ଼ିଆ ଓ ଦହିପଟି ଯୋଗାଇଥିଲା । ବିମାନ ଘରୁ ବିମାନ ଆସି, ଭଣ୍ଡାର ଘରୁ ରୂପା କଳସ ଆସେ । ଅଖଣ୍ଡ ମେକାପ ବଇଠା ଯୋଗାଇଥାନ୍ତି, ପାଳିଆ ଖୁଣ୍ଟିଆ ଶୁକ୍ଳ ଫୁଲ ଯୋଗାନ୍ତି । ଏହି ନୀତି କାର୍ଯ୍ୟ ୨୨ ଜଣ ସେବାୟତଙ୍କ ଦ୍ୱାରା ସମ୍ପନ୍ନ ହୋଇଥାଏ । ଯଥା- ଘଟୁଆରି, ପଣ୍ଡା, ପତିମହାପାତ୍ର, ମୁଦିରସ୍ତ, ପାଳିଆ ପଶୁପାଳକ, ବିମାନବଡୁ, ପାଳିଆ ପଢ଼ିଆରୀ, ଖଟଶେଯ ମେକାପ, ଆସ୍ଥାନ ପଢ଼ିଆରୀ, ସୁଡୁସୁଆର, ଚୂନରା, ପର୍ବଯାତ୍ରା ଯୋଗାଣିଆ, ଛତାର, ଘଣ୍ଟୁଆ, କାହାଳିଆ, ଦୁହୁଡ଼ିଆ, ଭିତରଛ ମହାପାତ୍ର, ପାଳିଆ ମେକାପ, ଅମୁଣିଆ ଛତାର, ପାଳିଆ ଖୁଣ୍ଟିଆ, ପୂଜାପଣ୍ଡା, ଅଖଣ୍ଡ ମେକାପ । ଏକାଦଶୀରେ ମଧ୍ୟାହ୍ନ ଧୂପ ସରି ମୈଲମ ପରେ ଶାଢ଼ୀ, ଖଣ୍ଟୁଆ ଲାଗି ହୋଇ ସନ୍ଧ୍ୟା ଆଳତି ହେବା ପରେ ଠାକୁରମାନଙ୍କର ସର୍ବାଙ୍ଗ ଚନ୍ଦନ ଲାଗି ହୋଇଥିଲା । ଘଟୁଆରି ଘରୁ ରୂପା ପିଙ୍ଗଣରେ ଯୋଗାଇଥିବା ଚନ୍ଦନ, କର୍ପୂର, କସ୍ତୁରୀ, ଚୁଆ ଇତ୍ୟାଦି ଭଣ୍ଡାର ଦ୍ୱାରରେ ରହିଥାଏ । ପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଏହା ନିଅନ୍ତି । ସେମାନେ ସିଂହାସନରେ ଥିବା ତିନି ଜଣ ପାଳିଆ ପଶୁପାଳକ ଠାକୁରଙ୍କୁ ଚନ୍ଦନ ଲାଗି କରିଥିଲେ । ସର୍ବାଙ୍ଗ ପୂର୍ବରୁ ଦକ୍ଷିଣି ଘରୁ ମହାଜନେ ମଦନମୋହନଙ୍କୁ ଭିତରେ ବିଜେ କରାଇଥିଲେ । ଆଜ୍ଞାମାଳ ପାଇଲାପରେ ମହାଜନେ ମଦନମୋହନଙ୍କୁ ନେଇ ଝୁଲଣ ମଣ୍ଡପ ତଳେ ବିମାନବଡୁ ରଖିଥିବା ପାଲିଙ୍କିରେ ବିଜେ ହୋଇ ଛତାର, ଘଣ୍ଟୁଆ ଓ କାହାଳିଆ ସମେତ ଶ୍ରୀମନ୍ଦିର ବେଢ଼ା ବୁଲି ପାଲିଙ୍କି ମଙ୍ଗଳାଙ୍କ ଆଗରେ ରହିଥାଏ । ଏହାପରେ ମହାଜନେ ଠାକୁରଙ୍କୁ ଜୟବିଜୟ ଦ୍ୱାରକୁ ନେଲା ପରେ ପାଳିଆ ପଢ଼ିଆରୀ ଏହି ଦ୍ୱାର ବନ୍ଦ କରିଥିଲେ ଏବଂ ଖଟଶେଯ ମେକାପ ଆସନ ପକାଇ ଠାକୁରଙ୍କୁ ସେଠାରେ ବିଜେ କରାଇଥାନ୍ତି । ପୂଜାପଣ୍ଡା ଆସି କୋରା ଭୋଗ କଲାପରେ ଆଳତି, ବନ୍ଦାପନା ଓ ଭୋଗ, ନକ୍ଷେତ୍ର ବନ୍ଦାପନା ନୀତି ଅନୁସାରେ ହୋଇଥିଲା । ପଢ଼ିଆରୀ ଦୁଆର ଖୋଲିବା ପରେ ଠାକୁର ଦକ୍ଷିଣି ଘରକୁ ବିଜେ କରିଥିଲେ ।

ଏହାପରେ ସନ୍ଧ୍ୟା ଧୂପ ପରେ ମହାଦୀପ ଆଳତି ପାଇଁ ଗରୁଡ଼ ସେବକ ଚୂନରା ୩ଟା ରୂପା କଳସରେ ଘିଅ ଓ ପ୍ରତ୍ୟେକରେ କଦଳୀ  ବାସୁଙ୍ଗାରେ ନୂଆକନାକୁ ନୂଆକନା ଗୁଳା ବଳିତା ଭଳି କରିଥାଏ । କଳସରେ ବାସୁଙ୍ଗା ବୁଡ଼ିଥାଏ । ମାତ୍ର ବଳିତା କାଠି ଉପରକୁ ଥାଏ ।  ଚୂନରା ତାହା ଧରି ରତ୍ନସିଂହାସନ ପାଖକୁ ଯାଇ ପତ୍ରି ହାତରେ ଦେଇଥାନ୍ତି । ପତ୍ରି ବଳିତା ଲଗାଇ ତିନି ବାଡ଼ରେ ତିନି ପଣ୍ଡାଙ୍କୁ ଦେଇଥିଲେ । ସେମାନେ ସଂସ୍କାର ପୂର୍ବକ ମହାଦୀପ ଆଳତି କରିଥାନ୍ତି ଓ ସିଂହାସନ ଉରିପଟେ ବେଢ଼ା ବୁଲି ଜୟ ବିଜୟ ଦ୍ୱାରବାଟେ ଆସି ଗଣେଶଙ୍କ ରାସ୍ତା ଦେଇ ମହାଦୀପ କଳସରେ ଧରି ଶ୍ରୀଶ୍ରୀ ବିମଳାଙ୍କ ପର୍ଯ୍ୟନ୍ତ ଯାଇଥିଲେ । ବିମଳା ମନ୍ଦିର ସାମ୍ନାରେ ଚୂନରାଙ୍କୁ ୩ଟି କଳସ, ନୀଳଚକ୍ର ପାଇଁ ତୁଳସୀ, ଚନ୍ଦନ ଦେଇ ପଣ୍ଡାମାନେ ଉଲିଯାନ୍ତି । ଏ ସମୟରେ ଘଟୁଆରି ଚୂନରାଙ୍କୁ ୧୨ଟା ଚନ୍ଦ୍ର ଉଦିଆ ଦେଇଥିଲେ । କଳସ ରଖି ଦେଇ ମହାଦୀପ, ଚନ୍ଦ୍ର ଉଦିଆ ଧରି ୩ ଜଣ ଚୂନରା ମନ୍ଦିର ଉପରକୁ ଉଠିବା ସହିତ ସଙ୍ଗରେ ନଡ଼ିଆ କତା ଲଗାଇ ନିଆଁ ଲଗାଇଥିଲେ । ଦଧି ନଉତି ତଳେ ଠିଆ ହୋଇ ତୁଳସୀ, ଚନ୍ଦନ ନୀଳଚକ୍ରଙ୍କୁ ଲାଗି କରି ଉରିପଟେ ୩ ଘେରା ବୁଲି ଚନ୍ଦ୍ର ଉଦିଆ ପ୍ରତ୍ୟେକ ଦିଗରେ ୩ଟି ଲେଖାଏ ଜାଳନ୍ତି । ବୁଲିବା ସମୟରେ 'ମା ପ୍ରଭୁ ପୁରୀ ରାଜାଙ୍କୁ (ନାମଧରି) ଶଙ୍ଖେ ପୁରାଇ ଚନ୍ଦ୍ର ଆଙ୍କୁଆଳେ କରନ୍ତୁ' ବୋଲି ଓ ହରିବୋଲ ଡାକ ଦିଅନ୍ତି । ଏହି ମତେ ଏକାଦଶୀ ନୀତି ସମ୍ପର୍ଣ୍ଣ ହୋଇଥିଲା ।

## ଶ୍ରୀମନ୍ଦିରରେ ହରି ଉତ୍ଥାପନ ଓ ଲକ୍ଷ୍ମୀନାରାୟଣ ବେଶ :

ତା ୨୫.୧୧.୨୦ ରିଖ ବୁଧବାର ଦିନ କାର୍ତ୍ତିକ ଶୁକ୍ଳ ଏକାଦଶୀ ତଥା  ହରି ଉତ୍ଥାପନ (ବଡ଼) ଏକାଦଶୀ ନିମନ୍ତେ ସ୍ୱତନ୍ତ୍ର ନୀତିମାନ ଅନୁଷ୍ଠିତ ହୋଇଥିଲା । ପରମ୍ପରା ପ୍ରକାରେ ମଙ୍ଗଳ ଆଳତି, ଅବକାଶ ବଢ଼ିଲା ପରେ ମୈଲମ ହୋଇ 'ଲକ୍ଷ୍ମୀନାରାୟଣ ବେଶ' ଅନୁଷ୍ଠିତ ହୋଇଥିଲା । ବେଶ ବଢ଼ିଲା ପରେ ରୋଷହୋମ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ, ବାଲଧୂପ ଓ ଭୋଗମଣ୍ଡପ ସରିଲା ପରେ ମୈଲମ ହୋଇ ମହାସ୍ନାନ ହୋଇ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତଙ୍କ ଦ୍ୱାରା ଘଟୁଆରୀ ଘରୁ ଚନ୍ଦନ ଆସି ସର୍ବାଙ୍ଗ ଚନ୍ଦନ ଲାଗି ବଢ଼ି ମଧ୍ୟାହ୍ନ ଧୂପ ପୂଜା ବସିଥିଲା । ଭୋଗ ସରିଲା ପରେ ପାଣିପଡ଼ି ମୈଲମ ହୋଇ ଶାଢ଼ୀ ଖଣ୍ଟୁଆ ଲାଗି ପରେ ୫ଟ୍ଟା ଆଳତି ହୋଇଥିଲେ । ଏହାପରେ ମେକାପ ଘରୁ ଚନ୍ଦନ ବିଜେ ହୋଇ ଚନ୍ଦନ ଲାଗି ହୋଇ ବେଶ ବଢ଼ିଥିଲା । ପାଣିପଡି ସଂଧ୍ୟା ଧୂପ ପୂଜା ବଢ଼ି ମହାଦୀପ ଆଳତି ହୋଇ ନୀଳଚକ୍ରକୁ ମହାଦୀପ ବିଜେ ହୋଇ, ଗଜପତି ମହାରାଜା ଶ୍ରୀଦିବ୍ୟସିଂହ ଦେବ ରାଜ୍ୟବାସୀଙ୍କ ମଙ୍ଗଳ କାମନା କରାଯାଇ 'ମହାଦୀପ' ରଖାଯାଇଥିଲା । ପରେ ମହାପ୍ରଭୁଙ୍କର ଉତ୍ଥାପନ ନୀତି ଆରମ୍ଭ ହୋଇଥିଲା । ଖଟ ଶେଯ ଘର ଉପର ଭାଗରେ ଥିବା ଘରକୁ ତଢ଼ଉ କରଣଙ୍କ ଉପସ୍ଥିତିରେ ଖୋଲାଯାଇ ମୁଦିରସ୍ତ ତିନି ବାକ୍ସ ଖୋଲିଥିଲେ । ପରେ ତିନି ଶୟନ ଠାକୁରଙ୍କର ମହାସ୍ନାନ, ସର୍ବାଙ୍ଗ ଚନ୍ଦନ ଲାଗି, ବେଶ, କର୍ପୂର ଲାଗି ପରେ ଉତ୍ଥାପନ ନୀତି ବଢ଼ିଥିଲା । ପୁଷ୍ପାଞ୍ଜଳୀ, ବନ୍ଦାପନା ପରେ ବାକ୍ସମାନଙ୍କୁ ଯଥାରୀତିରେ ରଖାଯାଇ ଉକ୍ତ ଘରର ଦୁଆରକୁ ମୁଦ ଦିଆଯାଇଥିଲା ।

## ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ବାଙ୍କଚୂଡ଼ ବେଶ ଓ ଗରୁଡ଼ ଉତ୍ଥାପନ :

ତା ୨୬.୧୧.୨୦ ରିଖ ଗୁରୁବାର ଦିନ କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ତିଥିରେ ଗରୁଡ଼ଙ୍କ ଉତ୍ଥାପନ ନୀତି ବିଶେଷ ଭାବେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଦିନ ମହାପ୍ରଭୁଙ୍କର ବାଙ୍କଚୁଡ଼ ବେଶ ପରେ ଅନ୍ୟାନ୍ୟ ନୀତିମାନ ହୋଇ ସକାଳ ଧୂପ, ବାଲଧୂପ, ଭୋଗମଣ୍ଡପ ପରେ ସାହାଣମେଲା, ମହାସ୍ନାନ, ବେଶବଢ଼ି ମଧ୍ୟାହ୍ନ




ଧୂପ ହୋଇଥିଲା । ପରେ ସଂଧ୍ୟାଆଳତି, ସଂଧ୍ୟାଧୂପ  ସରିଲା ପରେ ଜଗମୋହନରେ ଅବସ୍ଥିତ ଶ୍ରୀଗରୁଡ଼ଙ୍କ ନିକଟରେ ମହାସ୍ନାନ ପୂଜା ଠା' ହୋଇଥିଲା । ପୂର୍ବରୁ ଚୂନରା ସେବକ ଗରୁଡ଼ଙ୍କୁ ମୈଲମ କରିଥିଲେ । ପୂଜା ଠା' ପରେ ପୂଜାପଣ୍ଡା ଆସି ମହାସ୍ନାନ କଲାପରେ ଚୂନରା ସେବକ ଗରୁଡ଼ଙ୍କୁ ଦହି, ପଞ୍ଚାମୃତ, ଚୁଆ, ତେଲ ଦ୍ୱାରା ମାଜଣା କରି ନୂଆଲୁଗା ଲାଗି ସହିତ ମହାପ୍ରଭୁଙ୍କ ବାଡ଼ରୁ ଆସିଥିବା ମାଳଚୂଳ ପିନ୍ଧାଇ ବେଶ କରିଥିଲେ । ପରେ ପାଣିପଡି ଶୀତଳଭୋଗ କରି ପଞ୍ଚୋପଚାରରେ ସମାପନା ହୋଇ ଉତ୍ଥାପନ ନୀତି ନିମନ୍ତେ ପ୍ରସାଦ ଲାଗି, ବନ୍ଦାପନା ହୋଇଥିଲା । ଏହାପରେ ଦକ୍ଷିଣ ଘରୁ ମଦନମୋହନ ସିଂହାସନକୁ ବିଜେ  ହେବା ପରେ ଆଜ୍ଞାମାଳ ପାଇ ଜଗମୋହନରେ ପଡ଼ିଥିବା ଖଟକୁ ବିଜେ ହୋଇ ଶରତ ରାହାସ ନିମନ୍ତେ ଶୀତଳ ଭୋଗ, ବନ୍ଦାପନା ହୋଇ ଘରକୁ ବାହୁଡ଼ା ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଓ ଶ୍ରୀବିଗ୍ରହମାନଙ୍କ ରାଜାଧିରାଜ (ସୁନା) ବେଶ :

ତା ୩୦.୧୧.୨୦ ରିଖ ସୋମବାର ଦିନ ଶ୍ରୀମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମଙ୍ଗଳ ଆଳତି ଓ ଅବକାଶ ନୀତି ଅନୁଷ୍ଠିତ ହେବା ପରେ ପାଳିଆ ପୁଷ୍ପାଳକମାନେ ଶ୍ରୀବିଗ୍ରହଙ୍କୁ 'ରାଜରାଜେଶ୍ୱର ବେଶ ବା ସୁନା ବେଶରେ' ସଜ୍ଜିତ କରିଥିଲେ । ଏହି ବେଶରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳପୂଜା, ଗୋପାଳବଲ୍ଲଭ ଭୋଗ, ସକାଳ ଧୂପ, ବାଳ ଧୂପ, ଭୋଗମଣ୍ଡପ ଇତ୍ୟାଦି ନୀତି ଅନୁଷ୍ଠିତ ହୋଇଥିଲା । ଭୋଗ ମଣ୍ଡପ ସରିବା ପରେ 'ସୁନାବେଶ' ଓଲାଗି କରାଯାଇ ଅନ୍ୟାନ୍ୟ ନୀତିମାନ ଅନୁଷ୍ଠିତ ହୋଇଥିଲା । ●

# ଶ୍ରୀମହାପ୍ରଭୁଙ୍କର ବ୍ୟବହୃତ ଫୁଲ ଓ ପୁଷ୍ପ ଅଳଙ୍କାର

(୧) ତୁଳସୀ (୨) ଦୟଣା (୩) ମରୁଆ (ଏ ସବୁ ପତ୍ର ହୋଇଥିଲେ ମଧ୍ୟ ଭଗବାନଙ୍କ ଏହା ଅତ୍ୟନ୍ତ ପ୍ରିୟ ରୂପେ ବ୍ୟବହାର କରାଯାଏ ।) (୪) ମଲ୍ଲି (୫) ଯୁଈ (୬) ଯାଈ (୭) ସେବତୀ (୮) ଟଗର (୯) ତରାଟ (୧୦) ରଜନୀଗନ୍ଧା (୧୧) ମାଳତୀ (୪ ରୁ ୧୧ ଧଳା ଜାତୀୟ ସୁବାସିତ ଫୁଲ) (୧୨) ଗେଣ୍ଡୁ (୧୩) ସ୍ଥଳ ପଦ୍ମ (୧୪) ଚମ୍ପା (୧୫) ବିଭିନ୍ନ ପ୍ରକାର ବାଣ ଫୁଲ (ଶୁକ୍ଳ) (୧୬) ଗଙ୍ଗଶିଉଳୀ (୧୭) ପଦ୍ମ (୧୮) ଗୋଲାପ (୧୯) ବଉଳ (୨୦) ରଙ୍ଗଣୀ (୨୧) ମଣ୍ଡା (୨୨) ମାଣିକୀଗନ୍ଧି ।



ଉପରଲିଖିତ ଫୁଲଗୁଡ଼ିକ ଶ୍ରୀବିଗ୍ରହମାନଙ୍କ ଠାରେ ମାଳ ଆକାରରେ ବ୍ୟବହାର କରାଯାଏ ଏବଂ ବିଭିନ୍ନ ବେଶରେ ମଧ୍ୟ ବ୍ୟବହାର କରାଯାଏ । ଏତଦ୍‌ବ୍ୟତୀତ ତୁଳସୀ, ତରାଟ ଫୁଲ ମଧ୍ୟ ପୂଜା ସମୟରେ (ଭୋଗ ବେଳେ) ବ୍ୟବହାର କରାଯାଇଥାଏ ।

ଶ୍ରୀମନ୍ଦିରରେ ଦୈନିକ ବିଭିନ୍ନ ପୁଷ୍ପ, ତୁଳସୀ, ପଣସ ପତ୍ର, କଦଳୀ ପତ୍ର ଇତ୍ୟାଦି ବ୍ୟବହାର କରାଯାଇ ନିମ୍ନ ଲିଖିତ 'ପୁଷ୍ପ ଅଳଙ୍କାର' ଓ 'ମାଳ' ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ ହୋଇଥାଏ । ଯଥା- କରପଲ୍ଲବ, କୁଣ୍ଡଳ, ତଡ଼ଗୀ, ଚନ୍ଦ୍ରିକା, ଗଭା, ଅଳକା, ତିଳକ, ଝୁମ୍ପା, ନାକୁଆସୀ, ଦୟଣା, ଅଧରମାଳ, ମକର କୁଣ୍ଡଳ, ଶ୍ରୀପୟର ମାଳା, ହୃଦୟ ପଦକ, କଳି ପଦକ, କୌସ୍ତୁଭ ପଦକ, ଚଉସରା ମାଳ, ବୁଣା ଏବଂ ଅଁଳା କୋଳି ମାଳ ।

ମହାଲକ୍ଷ୍ମୀଙ୍କୁ ତୁଳସୀ ଲାଗି କରାଯାଏ ନାହିଁ କିମ୍ବା ତାଙ୍କ ଭୋଗରେ ଏହା ବ୍ୟବହାର କରାଯାଏ ନାହିଁ ।

(ଉକ୍ତ ତଥ୍ୟଗୁଡ଼ିକ ୨୦୧୩ ମସିହା ନଭେମ୍ବର ମାସରେ ପ୍ରକାଶିତ ଶ୍ରୀମନ୍ଦିର ସମାଚାରରୁ ସଂଗୃହୀତ ।)

# ଶ୍ରୀମନ୍ଦିରରେ ନିଷିଦ୍ଧ ସାମଗ୍ରୀ

ପାରମ୍ପରିକ ରୀତି ଓ ନୀତି ଅନୁଯାୟୀ ଶ୍ରୀମନ୍ଦିରରେ କେତୋଟି ଜିନିଷ ବା ଦ୍ରବ୍ୟ ନିଷିଦ୍ଧ ରହିଛି । ସେଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଗଲା ।

୧. ପରିବା :- ଶ୍ରୀମନ୍ଦିରରେ ନିମ୍ନଲିଖିତ ପରିବାଗୁଡ଼ିକ ନିଷେଧ ଅଛି । ଯଥା- ବିଲାତି ଆଳୁ, ବିଲାତି ବାଇଗଣ, ସଜନା ଛୁଇଁ, ଲାଉ, ଅମୃତଭଣ୍ଡା, ଭେଣ୍ଡି, ଝୁଡ଼ଙ୍ଗ ଛୁଇଁ, ପୋଇ, ପିଆଜ, ରସୁଣ, କଞ୍ଚାଲଙ୍କା, ଶୁଖିଲା ଲଙ୍କା, ଫୁଲକୋବି, ପତ୍ରକୋବି, ବିନ୍‌, ସଛିନ୍ଦ୍ରା, କଲାର, ବିଟ୍‌, ଗାଜର, ମଟର, ଛୁଇଁ, ପିଆଜକଷଣ୍ଡା ଓ କ୍ୟାପ୍‌ସିକମ୍‌ ।

୨. ଶାଗ :- ଲେଉଟିଆ ଓ କୋଶଳା ଶାଗ ବ୍ୟତୀତ ଅନ୍ୟ କୌଣସି ଶାଗ ଶ୍ରୀମନ୍ଦିରେ ଭୋଗରେ ବ୍ୟବହାର କରାଯାଏ ନାହିଁ ।

୩. ମସଲା :- କଳାଜୀରା, ଲଙ୍କାଗୁଣ୍ଡ, ଗରମ ମସଲା, ପୋସ୍ତକ ବ୍ୟବହାର ହୁଏ ନାହିଁ ।

୪. ଘିଅ :- ଘିଅ ବ୍ୟତୀତ କୌଣସି ତେଲ ଭୋଗ ସାମ୍ରଗୀ ପ୍ରସ୍ତୁତିରେ ବ୍ୟବହାର ହୁଏ ନାହିଁ ।

୫. ଅନ୍ୟାନ ନିଷିଦ୍ଧ ଜିନିଷ :- ଜୋତା, ମୋଜା, ବିଭିନ୍ନ ଚମଡ଼ା ଜାତୀୟ ଦ୍ରବ୍ୟ, ଚମଡ଼ା ବେଲ୍ଟ, ଛତା, ରବର, ଫଟୋ କ୍ୟାମେରା, ଭିଡିଓ କ୍ୟାମେରା, ମୋବାଇଲ୍‌ ଫୋନ୍‌, ରୋଡିଓ, ଟେପରେର୍କଡ଼ର, ମାଇକ୍ରୋଫୋନ, ଗ୍ରାମଫୋନ, ସିଗାରେଟ, ବିଡ଼ି, ଗଞ୍ଜେଇ, ବାହାର ଖାଦ୍ୟ ଦ୍ରବ୍ୟ, ବିସ୍ଫୋରକ ଦ୍ରବ୍ୟ, ମାରଣାସ୍ତ୍ର ତଥା କୌଣସି ମାଦକ ଦ୍ରବ୍ୟର ପ୍ରବେଶ ନିଷେଧ ଅଟେ ।

୬. ନିଷିଦ୍ଧ ବ୍ୟକ୍ତି ବିଶେଷ :- ଶ୍ରୀମନ୍ଦିର ଭିତରେ ଅଣହିନ୍ଦୁ, ପାଗଳ, ଉନ୍ମତ୍ତ, ଭିକାରୀ, ନିଶାଗ୍ରସ୍ତ ଲୋକମାନଙ୍କ ପ୍ରବେଶ ନିଷେଦ୍ଧ ଅଟେ । କୁଷ୍ଠ ବ୍ୟାଧିଗ୍ରସ୍ତ ଲୋକମାନଙ୍କୁ ମନ୍ଦିର ପ୍ରବେଶ ବାରଣ ଅଛି ।

୭. ଶ୍ରୀମନ୍ଦିରରେ ଆସନ ପକାଇ ବସିବାର ବିଧି ନାହିଁ । ବେଡ଼ସିଟ୍‌, ଗଦର, ମଶିଣା ଇତ୍ୟାଦି ବସିବା ପାଇଁ ଶ୍ରୀମନ୍ଦିର ପରିସରରେ ବ୍ୟବହାର କରାଯିବ ନିଷେଧ ଅଟେ ।

(ଉକ୍ତ ତଥ୍ୟଗୁଡ଼ିକ ୨୦୧୩ ମସିହା ନଭେମ୍ବର ମାସରେ ପ୍ରକାଶିତ ଶ୍ରୀମନ୍ଦିର ସମାଚାରରୁ ସଂଗୃହୀତ ।)



ପୂର୍ବ ପ୍ରକାଶିତ ଉତ୍ତାରୁ ....

# ସ୍ୱତ୍ୱଲିପିରେ ଶ୍ରୀମନ୍ଦିର ନୀତି

## (୩୮)- ପଦ୍ମ ବେଶ

ମାଘ ଅମାବାସ୍ୟା ଠାରୁ ବସନ୍ତ ପଞ୍ଚମୀ ମଧ୍ୟରେ ଶନିବାରେ ବା ମଙ୍ଗଳବାରେ କଳା ଘୋଡ଼ାରେ ଏହି ବେଶ ହୁଏ ଓ ଏହା ବଡ଼ ଛତା ମଠ କରାଏ ।



ଏ ସମସ୍ତ ଉପକରଣ ମଠ ଯୋଗାଏ ଓ ଏ ବେଶ ରାତ୍ର ଚନ୍ଦନ ଲାଗି ପରେ ବଡ଼ସିଂହାର ସମୟରେ ହୋଇ ଏ ବେଶରେ ପହୁଡ଼ ହୁଅନ୍ତି । ଖିରି ଭୋଗ ହୁଏ (ମଠ ତରଫରୁ) ।

## (୩୯)- ମାଘ ଶୁକ୍ଳ ପଞ୍ଚମୀ ବା ବସନ୍ତ ପଞ୍ଚମୀ

ଏହି ଉତ୍ସବ ମାଘମାସ ଶୁକ୍ଳ ପଞ୍ଚମୀ ଦିନ ଅନୁଷ୍ଠିତ ହୁଏ । ଏହି ଉତ୍ସବ ପାଇଁ ନିମ୍ନଲିଖିତ ଉପକରଣମାନ ଆବଶ୍ୟକ :-

(୧) ମାଧାବଳି ଲୁଗା (୨) ଚନ୍ଦନ (୩) ଖଟ (୪) ମାଣ୍ଡୁଅ (୫) ଋଚିରି ଭୋଗ (୬) ରୂପା ପିଙ୍ଗଣ (୭) ଚନ୍ଦନ ଫଗୁ (୮) ଝିମିରି ଫଗୁ (୯) ଫଗୁ ଚନ୍ଦନ ମୁଣି (୧୦) ଋମର ଆଲଟ (୧୧) ଫଗୁଡାବ (୧୨) ଚଉଦଳ (୧୩) ଶୀତଳଭୋଗ (୧୪) ତୀର କମାଣ ପଇଡ଼

ଏହି ନୀତି ପାଇଁ ରାଜା ସୁପରିଣ୍ଟେଣ୍ଡେଣ୍ଟ ମାଧାବଳି ଲୁଗା, ଚନ୍ଦନ ଫଗୁ, ଝିମିରି ଫଗୁ, ଫଗୁଚନ୍ଦନ ମୁଣି ଓ ତୀରକମାଣ, ପଇଡ଼ ଯୋଗାନ୍ତି । ଘଟୁଆରୀ ରାଜା ସୁପରିଣ୍ଟେଣ୍ଡେଣ୍ଟଙ୍କ ତରଫରୁ ଚନ୍ଦନ ଓ ଫଗୁ ଡାବ ଯୋଗାନ୍ତି । ଭଣ୍ଡାରଘରୁ ଖଟ ଓ ଋମର ଆଲଟ ଆସେ । ସରଘରୁ ରାଜା ସୁପରିଣ୍ଟେଣ୍ଡେଣ୍ଟ ମାଣ୍ଡୁଅ ୩ ଓ ଋଚିରି ଯୋଗାନ୍ତି । ଘଟୁଆରି ଫଗୁ ଡାବ ଯୋଗାଏ । ପର୍ବଯାତ୍ରା ଯୋଗାଣିଆ ଚଉଦଳ ଓ ଶୀତଳ ଭୋଗ ଯୋଗାଇ ଦିଏ ।

ନିମ୍ନଲିଖିତ ସେବକମାନଙ୍କ ଦ୍ୱାରା ଏହି ନୀତି କାର୍ଯ୍ୟ ସମ୍ପନ୍ନ ହୁଏ-

(୧) ପାଳିଆ ଖୁଣ୍ଟିଆ (୨) ପଶୁପାଳକ (୩) ଗରାବଡୁ (୪) ଋଙ୍ଗଡ଼ା ମେକାପ (୫) ଘଟୁଆରୀ (୬) ପଣ୍ଡା (୭) ପତି ମହାପାତ୍ର (୮) ମୁଦିରସ୍ତେ (୯) ମହାଜନେ (୧୦) ଖଟ ଶେଯ ମେକାପ (୧୧) ପୂଜାପଣ୍ଡା (୧୨) ପଢ଼ିଆରୀ (୧୩) ପାଣିଆପଟ (୧୪) ବିମାନବଡୁ (୧୫) ଘଣ୍ଟୁର (୧୬) ଛତାର (୧୭) କାହାଳିଆ (୧୮) ମହାରି (୧୯) ଭିତରଚ୍ଛୁ

ଏହି ନୀତି ମଧ୍ୟାହ୍ନ ଧୂପ ପରେ ପାଳିଆ ଖୁଣ୍ଟିଆ ଦକ୍ଷିଣ ଦ୍ୱାର ଲଣ୍ଡାବର୍ତ୍ତରୁ ପଶୁପାଳକଙ୍କୁ ମୈଲମକୁ ଡାକିଲେ ସେ ଆସି ଗରାବଡୁ ଠାରୁ ହାତୁଆଣି ନେଇ ମୈଲମ କରିବେ । ଋଙ୍ଗଡ଼ା ମେକାପ ଦେବା ମାଧାବଳି ଲୁଗା ଲାଗି ହୋଇବା ପରେ ଘଟୁଆରୀ ଘରଠାରୁ ତିନି ଗୋଟା ରୂପା ପିଙ୍ଗଣରେ ପଣ୍ଡା, ପତି, ମୁଦିରସ୍ତେ ଚନ୍ଦନ ବିଜେ କରାଇ ଆଣି ଶ୍ରୀଅଙ୍ଗରେ ଲାଗି କରିବେ । ଏହାପରେ ମହାଜନମାନେ ଲକ୍ଷ୍ମୀ, ସରସ୍ୱତୀଙ୍କୁ ଦକ୍ଷିଣଘର ଠାରେ ଖଟଶେଯ ମେକାପ ପକାଇଥିବା ଖଟ ଉପରେ ବିଜେ କରାନ୍ତି ଓ ଦୋଳଗୋବିନ୍ଦ ଠାକୁରଙ୍କୁ ଦକ୍ଷିଣଘରୁ ଆଣି ଉକ୍ତ ଖଟ ଉପରକୁ ବିଜେ କରାନ୍ତି । ଭିତରେ ବେଶ ବଢ଼ିଲା ସମୟକୁ ଦକ୍ଷିଣ ଘରଠାରେ ବାହାର ଦୋଳି ଭୋଗ ଋଚିରିବେଶ ହୋଇଥିବା ତିନି ଠାକୁରଙ୍କୁ ତିନି ଖଣ୍ଡ ପଣ୍ଡା ମାଣ୍ଡୁଅ ସର୍ପା ମଣୋହି କରନ୍ତି ଓ ଦକ୍ଷିଣ ଘର ଭିତରେ ଭୋଗ ସାରନ୍ତି । ଏହା ଉତ୍ତାରେ ଭିତରେ ପାଣିପଢ଼ି ପାଳିଆ ପଢ଼ିଆରୀ ରୋଷକୁ ଋଚିରି ଭୋଗ ଡାକି ଯାଆନ୍ତି । ଭୋଗ ଛାମୁକୁ ଆସିବା ପରେ ଦୁଇ ଠାକୁରାଣୀ ଓ ଦୋଳଗୋବିନ୍ଦ ଭିତର ସିଂହାସନକୁ ବିଜେ କରନ୍ତି । ଏ ଉତ୍ତାରେ ମୁଦିରସ୍ତେ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରାନ୍ତି । ପଣ୍ଡା ଆସି ପଞ୍ଚୋପଋରରେ ଭୋଗ କରାନ୍ତି । ଭୋଗ ସରିବା ପରେ ପାଣିପଢ଼ି ଧୋ ପଖାଳ ହୋଇ ଘଟୁଆରୀ ଘରଠାରୁ ତିନି ଗୋଟା ରୂପା ପିଙ୍ଗଣରେ ପଣ୍ଡା, ପତି, ମୁଦିରସ୍ତେ ଚନ୍ଦନ ଫଗୁ ବିଜେ କରିଆଣି ସିଂହାସନ ଉପରକୁ ଉଠି ତିନି ବାଡ଼ରେ ଲାଗି କରାଇବେ । ପରେ ପଣ୍ଡା, ପତି, ମୁଦିରସ୍ତେ, ତିନି ବାଡ଼ରେ ବନ୍ଦାପନା କରି ତଳକୁ ଓହ୍ଲାଇବେ । ଏହାପରେ ମୁଦିରସ୍ତେ ତଳକୁ ଓହ୍ଲାଇ ସିଂହାସନ ତଳେ ତିନି ବାଡ଼ର ଝିମିରି ଅଞ୍ଜଳି କରିବେ । ଏହାପରେ ମୁଦିରସ୍ତେ ସିଂହାସନ ଉପରକୁ ଉଠି ଫଗୁ ଚନ୍ଦନ ମୁଣ୍ଡି ପ୍ରସାଦ ଲାଗି ଉତ୍ତାରୁ ସିଂହାସନ ଉପରେ ଋମର ଆଲଟ କରିବେ ଓ ତଳେ ମଧ୍ୟ କରିବେ । ଏହାପରେ ପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ଦେବା ଉତ୍ତାରେ ମହାଜନେ ତିନି ଠାକୁରଙ୍କୁ ହାତରେ ବିଜେ କରାଇ ଆଣି ଜୟ-ବିଜୟ ଲଣ୍ଡାବର୍ତ୍ତ ଉପରେ ଠିଆ ହୋଇ ରହିବେ । ଏଠାରେ ମୁଦିରସ୍ତେ ଫଗୁ ଚନ୍ଦନମୁଣ୍ଡି ପ୍ରସାଦ ଲାଗି କରି ବନ୍ଦାପନା ଋମର ଆଲଟ କରିବେ । ଏ ଉତ୍ତାରୁ ଘଟୁଆରୀ ଦେଇଥିବା ଫଗୁ ଡାବ ମୁଦିରସ୍ତେ ତିନି ପ୍ରଭା ଉପରକୁ ପକାଇଲା ଉତ୍ତାରେ ମହାଜନେ ବିଜେ କରାଇ ନେଇ ବଟମୂଳରେ ଥିବା ବିମାନରେ ବିଜେ କରାଇବେ । ବିମାନବଡୁମାନେ ଘଣ୍ଟା, ଛତା, କାହାଳିସହ ସିଂହଦ୍ୱାର ଦେଇ ବସନ୍ତ ଗୁଣ୍ଡିଋରେ (ନରେନ୍ଦ୍ର) ଠାକୁ ବିଜେ କରାଇବେ । ଏହାଙ୍କ ପଛରେ ପଞ୍ଚପାଣ୍ଡବମାନେ ବିମାନରେ ଯିବେ । ଏହା ଲକ୍ଷ୍ମୀନାରାୟଣ ଫଗୁ ଖେଳ ନିମନ୍ତେ ଦୁଇ ଠାକୁରାଣୀ ଜଗତି ଉପରେ ବିଜେ କରିବେ । ଦୋଳରେ ଚଉଦୋଳରେ ବିଜେ କରିବେ । ପରେ ଫଗୁ ଖେଳ ନିମନ୍ତେ ପରମେଶ୍ୱରଙ୍କ ବାଡ଼ରେ ମୁଦିରସ୍ତେ ଠାକୁରାଣୀଙ୍କ ବାଡ଼ରେ ସଂପ୍ରଦା ନିଯୋଗ ଭିତର ଗାଆଣି ଜଉଡାବମାନଙ୍କରେ ଜଉଡାବ ଖେଳିବେ । ଦୋଳଗୋବିନ୍ଦ ବିଜେ କରାଯାଇ ଜଗତି ଉପରେ ଦୁଇ ଠାକୁରାଣୀଙ୍କ ପାଖରେ ବିଜେ କରିବେ । ଏଠାରେ ପଢ଼ି ଶୀତଳ ଭୋଗ ତିନି ପନ୍ତି ହୋଇ ବଢ଼ା ହୋଇବ । ଏ ଉତ୍ତାରେ ମୁଦିରସ୍ତେ ପ୍ରସାଦ ଲାଗି କରିବେ, ବନ୍ଦାପନା, ଋମର, ଆଲଟ କରିବେ । ପ୍ରସାଦ ମୈଲମ କରିବେ । ପରେ ବେଣ୍ଟ ବିନ୍ଧା ନିମନ୍ତେ ନରେନ୍ଦ୍ର ପୋଖରୀକୁ ବିଜେ ହେବେ । ଏଠାରେ ତୀର କମାଣ ଭିତରଚ୍ଛୁ ଶ୍ରୀଅଙ୍ଗରେ ଲଗାଇଦେଲେ ଲେଙ୍କା ବେଣ୍ଟ ବିନ୍ଧିବେ । ବାହୁଡ଼ା ବିଜେ କରି ଆସି ବଟତଳେ ବିଜେ ହୋଇ ପାଣି ଲାଗି ହୋଇ ମହାଜନେ ଗୁଣ୍ଡା ଫିଟାଇବା ଉତ୍ତାରେ ହାତରେ ଜୟ-ବିଜୟ ଦ୍ୱାରଠାକୁ ପ୍ରଥମ ଋଚିରି ନିମନ୍ତେ ବିଜେ ହୋଇବେ । ଏଠାରେ ପ୍ରସାଦ ଲାଗି ବନ୍ଦାପନା ହୋଇ ଦୋଳଗୋବିନ୍ଦ ଦକ୍ଷିଣ ଘରକୁ ଓ ଠାକୁରାଣୀମାନେ ଭିତର ସିଂହାସନକୁ ବିଜେ ହେବେ ।

ଦିଅଁ ଆଜ୍ଞାମାଳ ପାଇ ଯାଇ ସାରିବାପରେ ଭିତରେ ସନ୍ଧ୍ୟା ଆଳତି ବଢ଼ିଥିବ । ସନ୍ଧ୍ୟା ଧୂପ ସରିବା ପରେ ସରସ୍ୱତୀଙ୍କ ମନ୍ଦିର ଠାରେ ପାଞ୍ଜି ପୂଜାହେବ (ଗଣେଶ ଚତୁର୍ଥୀ ଦିନ ହେବା ନୀତି ମୁତାବକ) । ସରସ୍ୱତୀଙ୍କ ସେ ଦିନ ଠିକ ଗଣେଶ ଚତୁର୍ଥୀ ଭଳି ହେବ । ପରେ ଭିତରେ ଅନ୍ୟାନ୍ୟ ନୀତିମାନ ହୁଏ । ●

ଜାଣିବା କଥା ...

# ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିର ପୂଜା ପରମ୍ପରାରେ 'କଟାସରା'ର ଅର୍ଥ କ'ଣ ?
ଉ - ଏହା ଏକ ପ୍ରକାର ମାଟି ପାତ୍ର । ଯେଉଁଥିରେ ପାଚିଲା କଦଳୀ, କଦଳୀ ଭଜା ପ୍ରଭୃତି ରଖାଯାଇ ଶ୍ରୀଜଗନ୍ନାଥଙ୍କ ନିକଟରେ ଲାଗି କରାଯାଏ ।

୨. ପ୍ର - ଶ୍ରୀମନ୍ଦିରରେ 'କଟୁଆଳ'ଙ୍କ ଭୂମିକା କ'ଣ ?
ଉ - ଏହାର ଅର୍ଥ ହେଲା- ନଗର ରକ୍ଷକ, ରାଜ କର୍ମଋରୀ, ଜଗୁଆଳୀ, ଜାଗ୍ରତ ରହିଥିବା ଚେତନାଶୀଳ ପ୍ରହରୀ, ନଗର ରକ୍ଷୀ, ପ୍ରହରୀମାନଙ୍କର ଅଧ୍ୟକ୍ଷ । ଶ୍ରୀମନ୍ଦିରରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପହରା ଦେବା ପାଇଁ ଏବେ ମଧ୍ୟ ଏହି ସେବାୟତ ପରମ୍ପରା ପ୍ରଚଳିତ ।

୩. ପ୍ର - ଶ୍ରୀମନ୍ଦିରରେ ବ୍ୟବହାର କରାଯାଉଥିବା 'କଢ଼ା' ଶବ୍ଦର ଅର୍ଥ କ'ଣ ?
ଉ - ଶ୍ରୀମନ୍ଦିରରେ ସକାଳ ଧୂପରେ ମହାସୁଆର ଆଣିଥିବା ଭୋଗ ସାମଗ୍ରୀ ପ୍ରତ୍ୟେକ ଥାଳିରେ ସିଂହାସନ ତଳେ ରଖି ଦିଅନ୍ତି । କଢ଼ା ସୁଆର ତାହା ସବୁ ଥାଳିରୁ କାଢ଼ି ତଳେ ଥୁଅନ୍ତି । ଏହି କଢ଼ା ହୋଇଥିବା ପଦାର୍ଥକୁ 'କଢ଼ା' କୁହାଯାଏ ।

୪. ପ୍ର - ଶ୍ରୀମନ୍ଦିରରେ 'କଢ଼ା ସୁଆର'ଙ୍କ କାର୍ଯ୍ୟ କ'ଣ ?
ଉ - ଶ୍ରୀମନ୍ଦିରରେ ପାଳିଆ ମହାସୁଆର କୋଠଭୋଗ ଜିନିଷ ସିଂହାସନ ତଳେ ରଖିବା ପରେ ତାହା ଥାଳିରୁ କାଢ଼ି ପନ୍ତିରେ ରଖୁଥିବା ସେବକ ।

୫. ପ୍ର - ଶ୍ରୀମନ୍ଦିରରେ 'କଣ୍ଟେଇ' ଶବ୍ଦର ଅର୍ଥ କ'ଣ ?
ଉ - ଏହା ଏକ ପ୍ରକାର ଭୋଗ ଦ୍ରବ୍ୟ । ଏହା ପହିଲି ଭୋଗରେ ଠାକୁରଙ୍କୁ ଲାଗି ହୁଏ ।

● *ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

*ଯୁଗେ ଯୁଗେ ରଥଯାତ୍ରା .....*

## ୧୯୧୯ ମସିହା ପୁରୀ ରଥଯାତ୍ରା

### (ଭାଗ-୫୪-ସଂଖ୍ୟା ୨୮ - ତା. ୧୨ ରିଖ, ଜୁଲାଇ)

ସପ୍ତାହାବଧି ଗୁଣ୍ଡିଚା ମଣ୍ଡପରେ ପୂର୍ଣ୍ଣ ଅନ୍ନଭୋଗ ହୋଇଥିଲା ତା ୩ ରିଖ ଗୁରୁବାର ହେରାପଞ୍ଚମୀ ରାତ୍ରରେ ଶ୍ରୀଲକ୍ଷ୍ମୀ ଠାକୁରାଣୀ ଗୁଣ୍ଡିଚା ମନ୍ଦିରକୁ ବିଜେ କରି ରଥ ଭଙ୍ଗ କରି ଆସିବା ପରଦିନ ତା୪ରିଖ ଶୁକ୍ରବାର ସକାଳଧୂପ ପରେ ଦକ୍ଷିଣାଭିମୁଖ ହେବା ସକାଶେ ରଥମାନଙ୍କୁ ଆଜ୍ଞାମାଳ ଆସନ୍ତେ ସେହି ଦିନ ଠାରୁ ଯଥାକ୍ରମେ ତିନି ଦିନରେ ତିନି ରଥର ଦକ୍ଷିଣ ମୂର୍ତ୍ତି ଶେଷ ହୋଇଥିଲା । ତା୬ରିଖ ରବିବାର ଆଡ଼ପ ମଣ୍ଡପରେ ସନ୍ଧ୍ୟାଦର୍ଶନ ଉପଲକ୍ଷେ ସହର ଓ ମଫସଲର ବହୁ ଲୋକ ସମବେତ ହୋଇଥିବାରୁ ସେ ଦିନ ସନ୍ଧ୍ୟା ସମୟରେ ଅଧିକ ଭିଡ ହୋଇଥିଲା । ତା୭ରିଖ ସୋମବାର ପ୍ରଭାତୀ ଖେଚେଡ଼ି ଭୋଗ ଶେଷେ ପୂର୍ବାହ୍ଣ ପ୍ରାୟ ଘ.୧୦ଣ୍ଟାରେ ଠାକୁରମାନେ ବାହୁଡ଼ା ବିଜୟ କରି ମଧ୍ୟାହ୍ନ ଘ.୧ଣ୍ଟାରେ ରଥସ୍ଥ ହେଲେ । କିଛିକ୍ଷଣ ପରେ ମାଜିଷ୍ଟ୍ରେଟ୍, ପୁଲୀଶ ଓ ଡାକ୍ତର ସାହେବ ପ୍ରଭୃତି ହାକିମମାନଙ୍କର ପରିଚାଳନାଧୀନରେ ତିନିରଥ ଏକ ସଙ୍ଗେ



ଟଣା ହୋଇଥିଲା । ଖରା, ବର୍ଷା ନ ଥାଇ ପାଗ ଥଣ୍ଡା ଥିବାରୁ ଲୋକେ ସହର୍ଷେ ଓ ଉତ୍ସାହ ସହକାରେ ରଥଟଣାରେ ଯୋଗ ଦେଇଥିଲେ । ନଦୀବୃଦ୍ଧି ଓ ଅକାଳ ଯୋଗୁଁ ମଫସଲର ଯାତ୍ରୀ ସଂଖ୍ୟା ଊଣା ଥିଲା । ତଥାପି ରଥଟଣା ସମୟେ ସାମାନ୍ୟ ବିଦେଶୀ ଏବଂ ଅଧିକାଂଶ ସୁଦେଶୀ ସମେତ ଲୋକସଂଖ୍ୟା ୨୦/୨୫ ହଜାରରୁ ଊଣା ନଥିଲା । ବଳଦେବଜୀଉ ଓ ସୁଭଦ୍ରାଦେବୀଙ୍କ ରଥଦ୍ୱୟ ସିଂହଦ୍ୱାରରେ ଉପସ୍ଥିତ ହେବା ପରେ ସନ୍ଧ୍ୟା ଘ୬ଣ୍ଟାରେ ଶ୍ରୀଜଗନ୍ନାଥ ଦେବଙ୍କ ରଥ ରାଜବାଟୀର ସମ୍ମୁଖୀନ ହୁଅନ୍ତେ ସେଠାରେ ଲକ୍ଷ୍ମୀ ନାରାୟଣ ଭେଟ ହୋଇଥିଲା । ଲକ୍ଷ୍ମୀ ଦେବୀଙ୍କ ଗହଣରେ ପୁରୀ ରାଜା ଉପସ୍ଥିତ ନ ଥିଲେ । ଶ୍ରୀଗୁଣ୍ଡିଚା ଦିନ ମଧ ରାଜା ମହୋଦୟଙ୍କ ଅଭାବେ ମୁଦୀରଥଙ୍କ ଦ୍ୱାରା ରଥ ଉପରେ ଛେରାପହଁରା ସମ୍ପନ୍ନ ହୋଇଥିଲା । ଭେଟ ପରେ ପୁନଃ ୨ ମୋଡ଼ ଦଉଡ଼ି ଲାଗିଲେ ସୁଦ୍ଧା ଶ୍ରୀଜଗନ୍ନାଥ ଦେବଙ୍କ ରଥ ଯଥା ସ୍ଥାନକୁ ନ ଯାଇ ସୁଭଦ୍ରା ଦେବୀଙ୍କ ରଥର କିଛି ପଛରେ ଅବସ୍ଥାନ କଲେ । ପରଦିନ ତା୮ରିଖ ବଡ଼ ଏକାଦଶୀ ମଙ୍ଗଳବାର ମଧ୍ୟାହ୍ନରେ ଅବଶିଷ୍ଟ ରଥଟଣା ଶେଷ ହୁଅନ୍ତେ ଠାକୁରମାନଙ୍କର ସୁନାବେଶ ଅନୁଷ୍ଠିତ ହୋଇଥିଲା । ରାତ୍ରରେ ଏହି ବେଶ ଦର୍ଶନାର୍ଥ ସିଂହଦ୍ୱାରରେ ବିଶେଷ ଜନତା ହୋଇଥିଲା ଏବଂ ଏ ଦିନ ମଠବାଡ଼ି ଓ ସାଧାରଣଙ୍କ ପକ୍ଷରୁ ଅନେକ ରହଣୀ ଓ ଚୂଡ଼ା, ଉଖୁଡ଼ା ଭୋଗ ଲାଗିଥିଲା । ଗତ ତା୯ରିଖ ବୁଧବାର ଅପରାହ୍ନରେ ପହଣ୍ଡି ବିଜୟ କରି ରାତ୍ର ଘ୯ଣ୍ଟାରେ ଠାକୁରମାନେ ଶ୍ରୀମନ୍ଦିର ରତ୍ନ ସିଂହାସନାରୂଢ଼ ହେଲେ ।

## ଭକ୍ତ ରସିକାନନ୍ଦ

ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟର ଜଣେ ସାଧକ ସନ୍ନ୍ୟାସୀ ଥିଲେ ରସିକାନନ୍ଦ । ସେ ୧୫୯୭ ମସିହାରେ ବାଲେଶ୍ୱର ଉପକଣ୍ଠ ସୁବର୍ଣ୍ଣରେଖା ନଦୀ ତୀରସ୍ଥ ରଯନୀ ନଗରୀର ଜମିଦାରଙ୍କ ପୁତ୍ର ଥିଲେ । ମାତ୍ର ୧୮ ବର୍ଷ ବୟସରେ ରାଜପ୍ରାଚୁର୍ଯ୍ୟ ତ୍ୟାଗ କରି ଶ୍ୟାମାନନ୍ଦଙ୍କ ଠାରୁ ଦୀକ୍ଷା ଗ୍ରହଣ କରି ସନ୍ନ୍ୟାସୀ ହୋଇଯାଇଥିଲେ । ରସିକାନନ୍ଦଙ୍କ ଶିଷ୍ୟ ଗୋପୀବଲ୍ଲଭ ଦାସ ଗୁରୁଙ୍କ ଜୀବନୀକୁ ଟିପିରଖି 'ରସିକମଙ୍ଗଳ' କାବ୍ୟ ରଚନା କରିଥିଲେ । ଏହି କାବ୍ୟ ଓଡ଼ିଶାର ରାଜା ବଳଭଦ୍ରଦେବଙ୍କ ରାଜତ୍ୱର ଶେଷ ବର୍ଷରେ ସମାପ୍ତ ହୋଇଥିଲା ।

ରସିକାନନ୍ଦ ଗଜପତି ନରସିଂହଦେବ୨ୟଙ୍କ ସମୟରୁ ଗୋପୀନାଥ ପୀଠ ଭାବେ ଖ୍ୟାତି ଲାଭ କରିଥିବା ବାଲେଶ୍ୱରର ରେମୁଣାକୁ ନିଜ ଧର୍ମ ପ୍ରଚାରର କେନ୍ଦ୍ର ଭାବେ ସ୍ଥିର କରିଥିଲେ ।

ଶ୍ରୀଚୈତନ୍ୟଙ୍କ ଭକ୍ତି ଭାବର ଶ୍ରେଷ୍ଠ ପ୍ରବକ୍ତା ରସିକାନନ୍ଦ ଥିଲେ ଅନନ୍ୟ ଶ୍ରୀଜଗନ୍ନାଥଙ୍କ ଭକ୍ତ । ଶ୍ରୀଜଗନ୍ନାଥଙ୍କୁ କୃଷ୍ଣ ଭାବରେ ସେ ନିଜ ଅନ୍ତରରେ ଅନୁଭବ କରୁଥିଲେ । ତାଙ୍କ ଦୃଷ୍ଟିରେ ଶ୍ରୀଜଗନ୍ନାଥ ହିଁ ଏକକ ମୂର୍ତ୍ତି ଭାବରେ ଥିଲେ ମଧ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଅଭିନ୍ନ ଭାବରେ ଅଛନ୍ତି । ସେ ସେହି ଅଭିନ୍ନ ଯୁଗଳ ମୂର୍ତ୍ତିଙ୍କୁ ଶ୍ରୀଜଗନ୍ନାଥ ଭାବରେ ସେ ସଦା ହୃଦୟରେ ରଖୁଥିଲେ ।

ତାଙ୍କ ଅନନ୍ୟ ଭକ୍ତିର ପରାକାଷ୍ଠା ସମ୍ପର୍କରେ ରସିକମଙ୍ଗଳ କାବ୍ୟରେ ଉଲ୍ଲେଖ୍ୟ ଅଛି ଯେ ଭକ୍ତ ବଳରାମ ଦାସ ଓ ଭକ୍ତ ସାଲବେଗଙ୍କ ପରି, ଭକ୍ତ ରସିକାନନ୍ଦଙ୍କ ପାଇଁ ମଧ ଶ୍ରୀଜଗନ୍ନାଥ ରଥରେ ଅଟକି ଯାଇଥିଲେ ଭକ୍ତକୁ ରଥରେ ଦେଖା ଦେବା ପାଇଁ । ରଥଯାତ୍ରାର ଅବ୍ୟବହିତ ପୂର୍ବରୁ ରସିକାନନ୍ଦ ଶିଷ୍ୟମାନଙ୍କ ଗହଣରେ ବୈତରଣୀ ନଦୀ ପାରହୋଇ ଚାଲି ଚାଲି ଆସି ରଥ ଯାତ୍ରା ପୂର୍ବ ରାତ୍ରିର ପାହାନ୍ତି ପହରରେ ମାଳିତୀପାଟପୁର ନିକଟସ୍ଥ ତୁଳସୀଚୌରା ଠାରେ ପହଞ୍ଚି ପଥଶ୍ରାନ୍ତ ଯୋଗୁ ନିତ୍ୟ କର୍ମ ସାରି ବିଶ୍ରାମ କରୁ କରୁ ଶୋଇ ପଡ଼ିଲେ ।

ଅପରପକ୍ଷରେ ବଡ଼ଦାଣ୍ଡରେ ରଥରେ ମହାପ୍ରଭୁ ବିଜେ ହୋଇ ବଳଗଣ୍ଡି ଠାରେ ପହଞ୍ଚିବା ପରେ ହଠାତ୍ ବଳଗଣ୍ଡି ଠାରେ ରଥ ଅଟକି ଗଲା । ରଥଯାତ୍ରାରେ ଉପସ୍ଥିତ ହଜାର ହଜାର ଭକ୍ତଙ୍କ ହରିବୋଲ ହୁଳହୁଳି ଧ୍ୱନି ଆକୁଳ ଆବେଦନ ପରେ ମଧ ଅଚଳ ମହାମେରୁ ସଚଳ ହେଲେନି । ସ୍ୱୟଂ ଗଜପତି ରଥ ଟାଣିବା ପରେ ମଧ ସଫଳ ହେଲେନି ।

ସେଦିନ ରାତିରେ ମନ ଦୁଃଖରେ ରାଜା ଶୟନ କଲେ । ରଥ ନ ଚଳିବାର କାରଣ ନଜାଣି ମଧ ଅପରାଧ ପାଇଁ ମହାପ୍ରଭୁଙ୍କ ପାଖରେ କ୍ଷମା ପ୍ରାର୍ଥନା କଲେ । ସକାଳୁ ମୁଦିରସ୍ତ ରାଜାଙ୍କୁ ଜଣାଇଲେ ମହାପ୍ରଭୁ ତାଙ୍କୁ ସ୍ୱପ୍ନରେ କହିଛନ୍ତି, ପ୍ରଭୁଙ୍କ 'ପ୍ରିୟ ଭକ୍ତ ରସିକାନନ୍ଦ ରଥଯାତ୍ରା ଯୋଗୁଁ ତୁଳସୀ ଚଉରା ଠାରେ ଅଟକି ଯାଇଛି । ସେ ଆସିଲେ ରଥ ଚାଲିବ' ।

ରାଜା ଏ ସମ୍ବାଦ ପାଇ ତୁଳସୀଚଉରାକୁ ଯାତ୍ରା କରିବା ସମୟରେ ଅଠର ନଳାଠାରେ ସେପଟୁ ଆସୁଥିବା ରସିକାନନ୍ଦଙ୍କ ସହ ସାକ୍ଷାତ୍ ହେଲା । ପରସ୍ପର ପରସ୍ପରକୁ କୋଳାଗ୍ରତ ହେଲେ । ଅଠରନଳା ଠାରୁ ରସିକାନନ୍ଦ କୀର୍ତ୍ତନ କରି ଆସି ବଳଗଣ୍ଡି ଠାରେ ଅଟକିଥିବା ରଥ ଉପରେ ମହାପ୍ରଭୁଙ୍କୁ ଦେଖି ମଣିମା ମଣିମା କହି ରଥ ଟାଣିବାକୁ ଉଦ୍ୟତ ହେଲେ । ହରିବୋଲ, ହୁଳହୁଳି ଶବ୍ଦରେ ବଡ଼ଦାଣ୍ଡ ପ୍ରକମ୍ପିତହେଲା । ପ୍ରଭୁ ଭକ୍ତଙ୍କୁ ପାଇ ଧୀରେ ଧୀରେ ଆଗକୁ ବଢ଼ି ଚାଲିଲେ । ରସିକାନନ୍ଦ ସେଠାରେ ମଠ ସ୍ଥାପନ କରି ରହିଲେ । ଯାହା 'କୁଞ୍ଜ ମଠ' ନାମରେ ପରିଚିତ ।

*ସୁନୀଲ କୁମାର ରଥ, ଅବସରପ୍ରାପ୍ତ ରିଡ଼ର- ଉପର ନୂଆ ସାହି, ପୁରୀ*

# ଫଟୋରେ ଖବର...




ତା. ୪.୧୧.୨୦ରେ ସିଂହଦ୍ୱାର ସମ୍ମୁଖରେ 'ମୋ ଧାମ-ମୋ ଗର୍ବ' ଅଭିଯାନରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟମାନଙ୍କ ଗହଣରେ ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଶ୍ରୀଯୁକ୍ତ ବଲୱନ୍ତ ସିଂ 'କୈବଲ୍ୟ ରଥ'କୁ ଉଦ୍‌ଘାଟନ କରୁଛନ୍ତି ।



ତା. ୧୧.୧୧.୨୦ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଶ୍ରୀମନ୍ଦିର ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆହୂତ 'ନାଗାର୍ଜୁନ ବେଶ' ସମ୍ପର୍କିତ ବୈଠକ ।



ତା. ୧୭.୧୧.୨୦ରେ ନୀଳାଦ୍ରି ଭକ୍ତ ନିବାସ ଠାରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଆହୂତ 'ଶ୍ରୀମନ୍ଦିର ପରିଚାଳନା କମିଟି' ବୈଠକ ।

# ଫଟୋରେ ଖବର...



ଡା. ୧୫.୧୧.୨୦ରେ ଦୀପାବଳୀ ଅମାବାସ୍ୟା ଅବସରରେ
ଶ୍ରୀନାରାୟଣ ଦେବଙ୍କ ସାଗର ବିଜେ ।



ଡା. ୨୨.୧୧.୨୦ରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ କେନ୍ଦ୍ରାପଡ଼ାସ୍ଥିତ
ଶ୍ରୀବଳଦେବଜୀଉଙ୍କ ପ୍ରଳମ୍ବାସୁର ବଧ ବେଶ ପରିପ୍ରେକ୍ଷୀରେ 'ନୂତନ ପାଟ
ଶାଢ଼ୀ' ମନ୍ଦିର ପୂଜକଙ୍କୁ ପ୍ରଦାନ କରାଯାଉଛି ।



ଡା. ୨୪.୧୧.୨୦ରେ ନୀଳାଦ୍ରି ଭକ୍ତ ନିବାସ ଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ
ଡଃ. କ୍ରିଷନ୍ କୁମାରଙ୍କ ଅଧ୍ୟକ୍ଷତାରେ ଆହୂତ 'ଛତିଶା ନିଯୋଗ' ବୈଠକ ।

# ଗୀତ ଶୁଣିବା ପାଇଁ ଗୋବିନ୍ଦଙ୍କ ଆଗ୍ରହ

ତ୍ରୟୋଦଶ ଶତାବ୍ଦୀରେ ଉତ୍କଳର ପ୍ରାଚୀ ନଦୀ ତୀରସ୍ଥ କେନ୍ଦୁବିଲ୍ୱ ଗ୍ରାମରେ ଜଣେ ଭକ୍ତକବି ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ନାମ ଜୟଦେବ । ସେ ନିମ୍ବାର୍କ ପନ୍ଥୀ ଜଣେ ସନ୍ନ୍ୟାସୀଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ ଏବଂ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟସ୍ଥ ଦଶାବତାର ମଠରେ ପତ୍ନୀ ପଦ୍ମାବତୀଙ୍କ ସହିତ ବାସ କରୁଥିଲେ । ରାଧାକୃଷ୍ଣଙ୍କ ଲୀଳାକୁ ଭିତ୍ତିକରି ସେ 'ଗୀତଗୋବିନ୍ଦ' ନାମରେ ଏକ କାବ୍ୟ ରଚନା କରିଥିଲେ । ସରଳ ତରଳ ହୃଦୟ ଛୁଆଁ ଭାଷାରେ ରଚିତ ଏହି କାବ୍ୟଟି ଭାରତ ବର୍ଷର ବିଭିନ୍ନ ଭାଷାର କବି, ପଣ୍ଡିତ ଏବଂ ଭକ୍ତ ସମାଜରେ ପ୍ରସିଦ୍ଧି ଲାଭ କରିଥିଲା । ଏହି କାବ୍ୟରେ ଥିବା ଗୋଟିଏ ପଦ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ପୂରଣ କରିଦେଇଥିଲେ । ଏ ଭଳି ଅନୁପମ ଗ୍ରନ୍ଥକୁ ଶ୍ରୀମନ୍ଦିରରେ ପ୍ରତିଦିନ ପରିବେଷଣ କରିବାକୁ ତତ୍‌କାଳୀନ ଗଜପତି ମହାରାଜା



ଅନୁମତି ପ୍ରଦାନ କରିଥିଲେ । ପରବର୍ତ୍ତୀ କାଳରେ ପଞ୍ଚଦଶ ଶତାବ୍ଦୀରେ ପଣ୍ଡିତ ଦିବାକର ମିଶ୍ର ଗଜପତିଙ୍କ ନାମରେ ଭଣିତା କରି 'ଅଭିନବ ଗୀତଗୋବିନ୍ଦ' ନାମକ ଅନ୍ୟ ଏକ ଗ୍ରନ୍ଥ ରଚନା କରିଥିଲେ ଏବଂ ଏହି ଗ୍ରନ୍ଥକୁ ଗଜପତି ଶ୍ରୀମନ୍ଦିରରେ ପରିବେଷଣ କରିବା ପାଇଁ ଅନୁମତି ପ୍ରଦାନ କରିଥିଲେ । ଏହି ଗ୍ରନ୍ଥ ପ୍ରଚଳନ ବିରୁଦ୍ଧରେ ସେବାୟତ ତଥା ପଣ୍ଡିତମାନଙ୍କ ବିରୋଧ ଯୋଗୁଁ ଗୀତଗୋବିନ୍ଦ ପରିବେଷଣକୁ ଶ୍ରୀମନ୍ଦିରରେ ବନ୍ଦ କରିଦିଆଗଲା । ବଡ଼ସିଂହାର ବେଶରେ ଥାଇ ପହୁଡ଼ ପୂର୍ବରୁ ମହାପ୍ରଭୁ ରାଧାକୃଷ୍ଣ ଲୀଳାତ୍ମକ ଗୀତ ଶୁଣିଥାନ୍ତି । ଗୀତଗୋବିନ୍ଦ ଶ୍ଳୋକ ଥିବା ଖଣ୍ଡୁଆ ପାଟ ପରିଧାନ କରିଥାନ୍ତି । ସେ ସବୁ ବନ୍ଦ ହୋଇଯିବାରୁ ମହାପ୍ରଭୁଙ୍କ ସୁଖ ନିଦ୍ରାରେ ବାଧା ଉପୁଜିଲା । ଜୟଦେବଙ୍କ ରଚିତ ଗୀତଗୋବିନ୍ଦ ଏତେ ଲୋକପ୍ରିୟ ହୋଇସାରିଥିଲା ଯେ ଭକ୍ତମାନଙ୍କ ତୁଣ୍ଡରେ ତାହା ଲାଗି ରହିଥିଲା । ଜଣେ ଦେବଦାସୀ ବଗିଚାରୁ ଫୁଲ ତୋଳିବା ବେଳେ ଗୀତଗୋବିନ୍ଦ ଗାଇ ଗାଇ ଚାଲିଥିଲେ । ତାଙ୍କ ମଧୁର କଣ୍ଠରୁ ଗୀତ ଗୋବିନ୍ଦର କାନ୍ତକୋମଳ ପଦାବଳୀ ଶୁଣିବା ପାଇଁ ସ୍ୱୟଂ ଜଗନ୍ନାଥ ମହାପ୍ରଭୁ ତାଙ୍କ ଫୁଲ ବଗିଚାରେ ଘୁରି ବୁଲିଲେ । ଗଛର କଣ୍ଟାଝଂଟାରେ ତାଙ୍କ ପୀତି ବସନ ଚିରିଗଲା । ସିଂହାରୀ ସେବକ ଏ କଥା ଜଣାଇବାରୁ ଗଜପତି ମହାରାଜା ବିରକ୍ତି ପ୍ରକାଶ କରି ଏଥିପାଇଁ ଦାୟୀ କିଏ ବୋଲି ପ୍ରଶ୍ନ କରିଥିଲେ । ମହାପ୍ରଭୁ ସ୍ୱପ୍ନାଦେଶ ଦେଇ ଜଣାଇଦେଲେ ଯେ 'ଜୟଦେବଙ୍କ ଗୀତଗୋବିନ୍ଦ ଶୁଣିବା ପାଇଁ ମୁଁ ଦେବଦାସୀ ପଛେ ପଛେ ଘୁରି ବୁଲୁଥିଲି । ବଗିଚାର କଣ୍ଟାଝଂଟା ବାଜି ପୀତବସନ ଚିରିଯାଇଛି । ଏଥି ପାଇଁ ସିଂହାରୀ ସେବକ କିମ୍ବା ଚାଙ୍ଗଡ଼ା ମେକାପ ଦାୟୀ ନୁହଁନ୍ତି । ମୋର ପ୍ରିୟ ଗୀତଗୋବିନ୍ଦ ନ ଶୁଣିଲେ ମୁଁ ଥୟଧରି ରହିପାରୁ ନାହିଁ । ଶୀଘ୍ର ଜୟଦେବଙ୍କ ଗୀତଗୋବିନ୍ଦ ଶ୍ରୀମନ୍ଦିରରେ ପ୍ରଚଳନ କରିବା ପାଇଁ ଆଦେଶ ଦିଅ ।' ଗଜପତି ମହାରାଜା ମହାପ୍ରଭୁଙ୍କ ଆଦେଶକୁ କାର୍ଯ୍ୟକାରୀ କଲେ । ଶ୍ରୀମନ୍ଦିରରେ ଗୀତଗୋବିନ୍ଦର ଗୀତ ଶୁଣିଲେ ଶ୍ରୀଗୋବିନ୍ଦ ।

*ଶ୍ରୀ ଶଂକର୍ଷଣ ମଂଗରାଜ*

● *(ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ) ମଙ୍ଗଳାଘାଟ ରୋଡ, ପୁରୀ-୧*

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି'ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । *ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

*ସୌଜନ୍ୟ-* OMC ODISHA

## ଡିସେମ୍ବର ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୮.୧୨.୨୦ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ |
| ତା. ୧୧.୧୨.୨୦ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ଉତ୍ପନ୍ନା ଏକାଦଶୀ |
| ତା. ୧୩.୧୨.୨୦ ରିଖ ରବିବାର | ଶ୍ରୀମନ୍ଦିରରେ ଦେବ ଦୀପାବଳୀ ଆରମ୍ଭ |
| ତା. ୧୪.୧୨.୨୦ ରିଖ ସୋମବାର | ଶ୍ରୀମନ୍ଦିରରେ ମଧ୍ୟ ଦେବ ଦୀପାବଳୀ ଓ ଅମାବାସ୍ୟା |
| ତା. ୧୫.୧୨.୨୦ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ଶେଷ ଦୀପାବଳୀ, ଧନୁ ସଂକ୍ରାନ୍ତି ଓ ପହିଲି ଭୋଗ ଆରମ୍ଭ |
| ତା. ୨୦.୧୨.୨୦ ରିଖ ରବିବାର | ଶ୍ରୀମନ୍ଦିରରେ ପ୍ରାବରଣ ବା ଓଢ଼ଣଷଷ୍ଠୀ |
| ତା. ୨୪.୧୨.୨୦ ରିଖ ଗୁରୁବାର | ଶ୍ରୀମନ୍ଦିରରେ ସୁଦଶା ବ୍ରତ |
| ତା. ୨୫.୧୨.୨୦ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ଗୋମତୀ ଏକାଦଶୀ |
| ତା. ୨୯.୧୨.୨୦ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ପଣ୍ଡୁ ନୃସିଂହ ବିଜେ |

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**

**E-mail : Jagannath.or@nic.in * Web Site : www.shreejagannatha.in**

**Printed at : Rama Press, North Gate, Puri, Mob. : 94370-222145**

ମୂଲ୍ୟ : ଦୁଇଟଙ୍କା ମାତ୍ର